# NATIONAL NEWS BULLETIN (ODIA)

## 15 February - 2026

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଦୁର୍ଘଟଣା ପୀଡିତଙ୍କୁ ତ୍ୱରିତ ନଗଦବିହୀନ ଚିକିତ୍ସା ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ରାହତ ଯୋଜନାକୁ ମଞ୍ଜୁରୀ ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।
- ଗୁଜୁରାଟ ଗାନ୍ଧୀନଗରଠାରେ ଆଜି ଦେଶର ପ୍ରଥମ କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ ମୁଦ୍ରା ଆଧାରିତ ସାଧାରଣ ବଣ୍ଟନ ବ୍ୟବସ୍ଥାର ଶୁଭାରମ୍ଭ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଟ୍ରେନ୍ ଗୁଡ଼ିକରେ ପ୍ରଥମଶ୍ରେଣୀ କୋଚ୍ ଭଳି ସାଧାରଣ କୋଚ୍‌ଗୁଡ଼ିକୁ ସଫା କରାଯିବ - କହିଲେ ରେଳମନ୍ତ୍ରୀ ।
- ଭକ୍ତି ଓ ଉତ୍ସାହର ସହ ଆଜି ପାଳନ କରାଯାଉଛି ମହାଶିବରାତ୍ରୀ ପର୍ବ ।

ଏବଂ

- ଆଇସିସି ପୁରୁଷ ଟି-୨୦ କ୍ରିକେଟ ବିଶ୍ୱକପରେ ଆଜି  ଅନୁଷ୍ଠିତ ହେବ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ।

- ସିଡ୍‌ନୀରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତୀୟ ମହିଳା ଦଳ ଖେଳିବ ଟି-୨୦ ଆନ୍ତର୍ଜାତୀୟ ସିରିଜ୍‌ର ପ୍ରଥମ ମ୍ୟାଚ୍ ।

# ପିଏମ୍-ରାହତ ସ୍କିମ୍

ଦେଶରେ ଦୁର୍ଘଟଣା ପୀଡିତଙ୍କୁ ତ୍ୱରିତ ଚିକିତ୍ସା ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାହତ ଯୋଜନାର ଆରମ୍ଭ କରିବା ଲାଗି ମଞ୍ଜୁରୀ ପ୍ରଦାନ କରିଛନ୍ତି । ରାହତ ହେଉଛି **Road Accident Victim Hospitalisation and assured treatment-** ସଡ଼କ ଦୁର୍ଘଟଣା ପୀଡିତଙ୍କୁ ଡାକ୍ତରଖାନାରେ ଭର୍ତ୍ତି ଓ ନିଶ୍ଚିତ ଚିକିତ୍ସା ଯୋଜନା । ଏହି ଯୋଜନା ଅନୁଯାୟୀ, ସଡ଼କ ଦୁର୍ଘଟଣାରେ ପୀଡିତ ଜଣେ ବ୍ୟକ୍ତି ଦୁର୍ଘଟଣା ଘଟିଥିବା ଦିନଠାରୁ ୭ ଦିନ ପର୍ଯ୍ୟନ୍ତ ୧ଲକ୍ଷ ୫୦ ହଜାର ଟଙ୍କାର ନଗଦ ବିହୀନ ଚିକିତ୍ସା ପାଇପାରିବେ । କେନ୍ଦ୍ର ସଡ଼କ, ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଦୁର୍ଘଟଣାଯୋଗୁଁ ଚିକିତ୍ସା ସହାୟତା ଅଭାବରୁ ଯେଭଳି କୌଣସି ଜୀବନ ହାନି ନହୁଏ ତାହା ନିଶ୍ଚିତ କରିବା ଲାଗି ସରକାର ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ମୋଟର ଯାନ ଦୁର୍ଘଟଣା ପାଣ୍ଠିରୁ ଚିକିତ୍ସାବାବଦ ଖର୍ଚ୍ଚ ଡାକ୍ତରଖାନାଗୁଡ଼ିକୁ ଦିଆଯିବ ।

ଭାରତରେ ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ଲକ୍ଷଲକ୍ଷ ଜୀବନ ଯାଉଥିବାବେଳେ, ଯଦି ପୀଡିତଙ୍କୁ ପ୍ରଥମ ଘଣ୍ଟା ମଧ୍ୟରେ ଡାକ୍ତରଖାନାରେ ଭର୍ତ୍ତି କରାଯାଏ ତେବେ ପ୍ରାୟ ୫୦ ପ୍ରତିଶତ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁକୁ ଏଡାଯାଇପାରିବ।

## ଗୁଜୁରାଟ-ଅମିତ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଗୁଜୁରାଟ ଗାନ୍ଧୀନଗରର ମହାତ୍ମା ମନ୍ଦିରରେ ଭାରତର ପ୍ରଥମ କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ୍ ମୁଦ୍ରା-ଆଧାରିତ ସାଧାରଣ ବଣ୍ଟନ ବ୍ୟବସ୍ଥାର ଶୁଭାରମ୍ଭ କରିବେ। ଗୁଜରାଟ ସରକାରଙ୍କ ଏହି ଡିଜିଟାଲ୍ ମୁଦ୍ରା ପଦକ୍ଷେପର ଲକ୍ଷ୍ୟ ହେଉଛି ଖାଦ୍ୟ ଶସ୍ୟ ବଣ୍ଟନକୁ ଅଧିକ ସ୍ୱଚ୍ଛ କରିବା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ଖାଦ୍ୟ ସୁରକ୍ଷା ନେଟୱାର୍କକୁ ସୁଦୃଢ଼ କରିବା ପାଇଁ ଶସ୍ୟ ଏଟିଏମ୍ ଏବଂ ସ୍ୱତନ୍ତ୍ର ପୁଷ୍ଟିସାଧନ ଅଭିଯାନର ମଧ୍ୟ ପ୍ରଚଳନ କରାଯିବ।

## ରେଲୱେ-ରିଫର୍ମସ

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଟ୍ରେନର ପ୍ରଥମ ଶ୍ରେଣୀ କୋଚ୍ ଭଳି ସାଧାରଣ କୋଚଗୁଡ଼ିକୁ ମଧ୍ୟ ସଫା କରାଯିବ। ନୂଆଦିଲ୍ଲୀରେ

ଗତକାଲି ରେଳ ସଂସ୍କାର ଉପରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବୈଷ୍ଣବ କହିଛନ୍ତି, ଉନ୍ନତମାନର ସଫେଇ କାର୍ଯ୍ୟ ପାଇଁ ପ୍ରାରମ୍ଭିକ ଭାବେ ଆସନ୍ତା ୬ ମାସରେ ୮୦ଟି ଦୂରଗାମୀ ଟ୍ରେନ ଚିହ୍ନଟ କରାଯିବ। ସେହି ଟ୍ରେନଗୁଡ଼ିକୁ ୬୦ମିନିଟ୍‌ରୁ ୯୦ ମିନିଟ୍ ବ୍ୟବଧାନରେ ଥରେ ସଫା କରିବା ଲାଗି କର୍ମଚାରୀ ନିୟୋଜନ କରାଯିବ। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଶୌଚାଳୟ, ଅଳିଆ ଡବା ଏବଂ କ୍ୟାବିନଗୁଡ଼ିକର ନିରନ୍ତର ସଫା ସୁନିଶ୍ଚିତ କରାଯିବ। ପୂର୍ବରୁ ବିଭିନ୍ନ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ବେଡ୍‌ସିଟ୍ ବଣ୍ଟନ, ସଂଗ୍ରହ, ପ୍ୟାକିଂ ଏବଂ ସଫା ସୁନିଶ୍ଚିତ ପାଇଁ ବର୍ତ୍ତମାନ ଗୋଟିଏ ଏଜେନ୍ସିକୁ ଦାୟିତ୍ୱ ଦିଆଯିବ ।

**V/O (Aswini Cleaning)**

ଶ୍ରୀ ବୈଷ୍ଣବ କହିଛନ୍ତି ଯେ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଆସନ୍ତା ୩ ବର୍ଷ ମଧ୍ୟରେ ୧୨୪ଟି ଗତିଶକ୍ତି କାର୍ଗୋ ଟର୍ମିନାଲ ପ୍ରତିଷ୍ଠା କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଟର୍ମିନାଲଗୁଡ଼ିକ ପରିବହନ ଖର୍ଚ୍ଚ ହ୍ରାସ କ୍ଷେତ୍ରରେ ସହାୟକ ହେବ । ସେ କହିଛନ୍ତି, ଭାରତୀୟ ରେଳ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଲବାହୀ ବାହକ ପାଲଟିଛି।

**V/O (Aswini Railway)**

# ପିଏମ୍-କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଦିଲ୍ଲୀ, ହରିୟାଣା, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକର ବିଭିନ୍ନ ଜିଲ୍ଲାକୁ ସଂଯୋଗ କରୁଥିବା ୩ଟି ମଲ୍‌ଟିଟ୍ରାକିଂ ପ୍ରକଳ୍ପ ପାଇଁ କ୍ୟାବିନେଟ ମଞ୍ଜୁରୀ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ପରିବହନ ଖର୍ଚ୍ଚ ହ୍ରାସ କରିବ । ସେ କହିଛନ୍ତି ଏହି ପ୍ରକଳ୍ପ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଶ୍ରୀ ମୋଦୀ କହିଛନ୍ତି, ହାଇଦ୍ରାବାଦ-ପଣଜୀ ଅର୍ଥନୈତିକ କରିଡରରେ ଗୁଡବେଲୁରରୁ ମେହବୁବନଗର ପର୍ଯ୍ୟନ୍ତ ଜାତୀୟ ରାଜପଥ-୧୬୭କୁ ପ୍ରଶସ୍ତ କରିବା ନିଷ୍ପତ୍ତି ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, କ୍ୟାବିନେଟ ଗୋହପୁର ଏବଂ ନୁମାଲିଗଡ଼ ମଧ୍ୟରେ ଏକ ୪-ଲେନ୍ ପ୍ରବେଶ-ନିୟନ୍ତ୍ରିତ ଗ୍ରୀନଫିଲ୍‌ଡ କରିଡରକୁ ମଧ୍ୟ ଅନୁମୋଦନ କରିଛି, ଯେଉଁଥିରେ ବ୍ରହ୍ମପୁତ୍ର ତଳେ ଭାରତର ପ୍ରଥମ ଜଳମଗ୍ନ ରାସ୍ତା ସହ ରେଳ ସୁଡଙ୍ଗ ଅନ୍ତର୍ଭୁକ୍ତ।

## ମହାଶିବରାତ୍ରୀ

ଆଜି ସାରା ଦେଶରେ ଗଭୀର ଭକ୍ତି ଓ ଉତ୍ସାହର ସହ ମହାଶିବରାତ୍ରି ପର୍ବ ପାଳନ କରାଯାଉଛି । ଏହି ପର୍ବ ଶିବଭକ୍ତମାନଙ୍କ ପାଇଁ ସବୁଠାରୁ

ପବିତ୍ର ପର୍ବ ଭାବେ ବିବେଚନା କରାଯାଏ । ଆଜିର ଦିନରେ ଭକ୍ତମାନେ ମନ୍ଦିରରେ ଉପବାସ, ବିଶେଷ ପ୍ରାର୍ଥନା ଏବଂ ରାତିସାରା ପୂଜା କରିଥାନ୍ତି । ହଜାର ହଜାର ଭକ୍ତ ଶାନ୍ତି ଏବଂ ସମୃଦ୍ଧି ପାଇଁ ଆଶୀର୍ବାଦ ପାଇବା ନିମନ୍ତେ ତୀର୍ଥସ୍ଥଳ ଗୁଡ଼ିକରେ ପବିତ୍ର ବୁଡ଼ ପକାଇଥାନ୍ତି ।

ଶିବରାତ୍ରୀ ଉପଲକ୍ଷେ ଦେଶବ୍ୟାପୀ ଶିବାଳୟଗୁଡ଼ିକରେ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଛି । ଏହି ଅବସରରେ ଉତ୍ତରପ୍ରଦେଶର କାଶୀ ବିଶ୍ୱନାଥ, ଗୁଜରାଟର ସୋମନାଥ ମହାଦେବ ମନ୍ଦିର, ଓଡ଼ିଶାର ଲିଙ୍ଗରାଜ, ଲୋକନାଥ, ଆଖଣ୍ଡଳମଣି ସମେତ ବିଭିନ୍ନ ଶୈବାଳୟରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନେ ଜଳାଭିଷେକ ଓ ପୂଜାର୍ଚ୍ଚନା କରୁଛନ୍ତି ।

## ସୀତାରମଣ-ମ୍ୟୁନିକ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଜର୍ମାନୀର ମ୍ୟୁନିକଠାରେ ବାଭାରିଆନ୍ ୟୁରୋପୀୟ ଏବଂ ଆନ୍ତର୍ଜାତୀୟ ବ୍ୟାପାର ମନ୍ତ୍ରୀ ଏରିକ୍ ବେସୱେଙ୍ଗରଙ୍କୁ ସାକ୍ଷାତ୍ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀମତୀ ସୀତାରମଣ କହିଛନ୍ତି ଚଳିତ ବର୍ଷ ଜାନୁଆରୀରେ ଜର୍ମାନ ଚାନ୍ସେଲରଙ୍କ ଭାରତ ଗସ୍ତ ସମୟରେ ଉଭୟ ନେତା ଦ୍ୱିପାକ୍ଷିକ

ସହଭାଗୀତା ମଜବୁତ କରିବା ଲାଗି ଆଲୋଚନା କରିଥିଲେ। ସଦ୍ୟ ସମାପ୍ତ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତି ବିଷୟରେ ମଧ୍ୟ ଉଭୟ ନେତା ମତ ବିନିମୟ କରିଥିଲେ ।

## ପ୍ରହଲ୍ଲାଦ ଯୋଶୀ-ଇଣ୍ଡିଆ-ୟୁଏସ୍

କେନ୍ଦ୍ର ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପ୍ରହଲାଦ ଜୋଶୀ କହିଛନ୍ତି ଯେ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଭାରତର ବୟନ ଶିଳ୍ପ କ୍ଷେତ୍ର ପାଇଁ ଅଭିବୃଦ୍ଧିର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯୋଶୀ କହିଛନ୍ତି, ଏହି ବାଣିଜ୍ୟ ଚୁକ୍ତି ୧୧୩ ଦଶମିକ ୭/୬ ବିଲିୟନ ଡଲାର ସମ୍ବଳିତ ରପ୍ତାନୀକୁ ପ୍ରୋତ୍ସାହିତ କରିବ । ସେ କହିଛନ୍ତି ଯେ ଏହି ପଦକ୍ଷେପ ସହିତ ପ୍ରସ୍ତୁତ କରାଯାଇଥିବା ପୋଷାକ, କାର୍ପେଟ ଏବଂ ବୟନ ଶିଳ୍ପ କ୍ଷେତ୍ରରେ ତ୍ୱରିତ ଅଭିବୃଦ୍ଧି ଘଟିବ । ଶ୍ରୀ ଯୋଶୀ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ହାସଲ ହୋଇଥିବା ଏହି ମାଇଲଖୁଣ୍ଟ, ବିଶ୍ୱ ବୟନଶିଳ୍ପ କ୍ଷେତ୍ରରେ ଭାରତର ଯାତ୍ରାକୁ ମଜବୁତ କରିବ।

## ଶିବରାଜ-କଂଗ୍ରେସ

କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ଦେଶର ସ୍ୱାର୍ଥକୁ ଅଣଦେଖା କରୁଥିବା ନେଇ କଂଗ୍ରେସକୁ ସମାଲୋଚନା କରିଛନ୍ତି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଚୌହାନ କହିଛନ୍ତି ଭାରତ ଏବେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୁଯୋଗର ଏକ ପର୍ଯ୍ୟାୟ ଦେଇ ଗତି କରୁଛି, କିନ୍ତୁ ଏହା ଦୁର୍ଭାଗ୍ୟଜନକ ଯେ କଂଗ୍ରେସ ଏବଂ ରାହୁଲ ଗାନ୍ଧୀ ମିଛ ଏବଂ ଭ୍ରମ ପ୍ରସାର କରିବାରେ ନିୟୋଜିତ ଅଛନ୍ତି। ସେ କହିଛନ୍ତି ଦେଶର ଲୋକମାନେ ସବୁକିଛି ଦେଖୁଛନ୍ତି।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀ ସମ୍ବାଦ ପକ୍ଷରୁ ଏକ ନୂତନ ଧାରାବାହିକ ଆରମ୍ଭ ହୋଇଛି । ଏହାର ଶୀର୍ଷକ ରହିଛି 'ପ୍ରକୃତି କି ବାତ୍, ଆକାଶବାଣୀ କୀ ସାଥ୍' । ଏହାର ପ୍ରଥମ ଭାଗରେ ଆମେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପିନ୍ଦର ଯାଦବଙ୍କ ସହ କଥା ହୋଇଛୁ । ସେହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଯାଦବ ପରିବେଶ ସଂରକ୍ଷଣ ଏବଂ ମିଶନ ଲାଇଫ୍ ସମ୍ପର୍କରେ ଭାରତର ପ୍ରତିବଦ୍ଧତା ଏବଂ ସଫଳତା ବିଷୟରେ

କହିଛନ୍ତି । ଲକ୍ଷ୍ୟ ପୂରଣ ଦିଗରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ କିଭଳି କାର୍ଯ୍ୟ କରୁଛନ୍ତି, ତାହା ଉପରେ ମଧ୍ୟ ସେ ଆଲୋକପାତ କରିଛନ୍ତି ।

ଏହି ପଡ୍‌କାଷ୍ଟ ଆପଣମାନେ ଆଜି ସକାଳ ୧୦ଟା ୩୦ରେ ୧୦୦ ଦଶମିକ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲରେ ଶୁଣିପାରିବେ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏଆଇଆର୍ ଆପ୍ ଏବଂ ନ୍ୟୁଜ୍ ଅନ୍ ଏଆଇଆର୍ ଅଫିସିଆଲ ୟୁ-ଟ୍ୟୁବ୍ ଚ୍ୟାନେଲରେ ଶୁଣାଯାଇପାରିବ ।

## ଗୋଆ-ସିଆଇଏସ୍ଏଫ୍ ସାଇକ୍ଲୋଥନ୍

କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀର ବନ୍ଦେ ମାତରମ୍ ଉପକୂଳ ସାଇକ୍ଲୋଥନ୍ ୨୦୨୬ ଆଜି ସନ୍ଧ୍ୟାରେ ଗୋଆର ଚିକାଲିମ୍‌ଠାରେ ପହଞ୍ଚିବ। ଏହି ଟିମ୍ ମୋର୍ମୁଗାଓ ବନ୍ଦର କର୍ତ୍ତୃପକ୍ଷଙ୍କଠାରେ ଅଟକିବା ପୂର୍ବରୁ ୧୮୨ କିଲୋମିଟର ରାସ୍ତା ଯାତ୍ରା ଶେଷ କରିବେ । ସାଇକ୍ଲୋଥନ୍ ମହାରାଷ୍ଟ୍ରର ସିନ୍ଧୁଦୁର୍ଗ ଜିଲ୍ଲାରୁ ଗୋଆରେ ପ୍ରବେଶ କରିବ। ପଶ୍ଚିମ ଉପକୂଳରେ ଗୁଜୁରାଟର ଲଖପତ ଦୁର୍ଗ ଏବଂ ପୂର୍ବ ଉପକୂଳରେ ପଶ୍ଚିମବଙ୍ଗର

ବକ୍ଖାଲିରୁ ବନ୍ଦେ ମାତରମ୍ ଉପକୂଳ ସାଇକ୍ଲୋଥନ୍ ଯାତ୍ରା ଆରମ୍ଭ ହୋଇଥିଲା ।

## କେରଳ-ଏସ୍ଆଇଆର୍

କେରଳର ମୁଖ୍ୟ ନିର୍ବାଚନ ଅଧିକାରୀ ରଥନ ୟୁ. ଖେଲକର କହିଛନ୍ତି ଯେ, ସ୍ୱତନ୍ତ୍ର ସଘନ ଭୋଟରତାଲିକା ସଂଶୋଧନର ଅଂଶ ସ୍ୱରୂପ, ୩୬ଲକ୍ଷ ୮୮ହଜାର ୯୪୮ ଜଣ ଭୋଟରଙ୍କ ପାଇଁ ୧୦୦ ପ୍ରତିଶତ ଶୁଣାଣି ଶେଷ ହୋଇଛି । ଭୋଟର ତାଲିକାରେ ପ୍ରାୟ ୨କୋଟି ୫୪ ଲକ୍ଷ ୪୨ହଜାର ୩୫୨ଜଣ ଭୋଟରଙ୍କ ସ୍ଥିତିରେ ବିସଙ୍ଗତି ଦେଖାଯାଇଥିଲା। କେରଳରେ ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତା ୨୧ ତାରିଖରେ ପ୍ରକାଶିତ ହେବ।

## ଆର୍ଏସ୍ଏଫ୍ ଆଟାକ ସୁଦାନ

ଜାତିସଂଘର ସୂଚନା ଅନୁଯାୟୀ ଗତବର୍ଷ ଅକ୍ଟୋବର ଶେଷ ଭାଗରେ ଏକ ଅର୍ଦ୍ଧସାମରିକ ଦଳ ହିଂସାତ୍ମକ ଆକ୍ରମଣ ଆରମ୍ଭ କରିବା

ପରେ ସୁଦାନର ଡାରଫୁର ଅଞ୍ଚଳରେ ୩ଦିନ ମଧ୍ୟରେ ୬ ହଜାରରୁ ଅଧିକ ଲୋକଙ୍କୁ ହତ୍ୟା କରାଯାଇଥିଲା ।

ଏକ ରିପୋର୍ଟରେ, ଜାତିସଂଘ ମାନବାଧିକାର କାର୍ଯ୍ୟାଳୟ କହିଛି ଯେ ଏଲ୍-ଫାଶର ସହରକୁ କବଜା କରିବା ପାଇଁ ରାପିଡ୍ ସପୋର୍ଟ ଫୋର୍ସ ଆକ୍ରମଣ ସମୟରେ ବ୍ୟାପକ ଅତ୍ୟାଚାର କରିଥିଲା । ହିଂସାର ପରିମାଣ ଏବଂ ପ୍ରକୃତି ଦୃଷ୍ଟିରୁ ଏହି ଆକ୍ରମଣ ମାନବତା ବିରୋଧରେ ଏକ କ୍ରୁର ଅପରାଧ ବୋଲି ବିବେଚନା କରାଯାଇଛି ।

୨୯ ପୃଷ୍ଠାର ଏହି ରିପୋର୍ଟରେ ଗଣହତ୍ୟା, ମୃତ୍ୟୁଦଣ୍ଡ, ଯୌନ ହିଂସା, ମୁକ୍ତି ପାଇଁ ଅପହରଣ, ନିର୍ଯାତନା, ମନମୁଖୀ ଅଟକ ଏବଂ ବଳପୂର୍ବକ ନିଖୋଜ ସମ୍ପର୍କିତ ତଥ୍ୟ ସ୍ଥାନିତ କରାଯାଇଛି । ହୋଇଥିବା ଆକ୍ରମଣ ଜାତିଗତ ବୋଲି ରିପୋର୍ଟରେ ଦର୍ଶାଯାଇଛି ।

## ଆଇସିସି-ଟି-୨୦ ବିଶ୍ୱକପ୍

ଆଇସିସି ପୁରୁଷ ଟି-୨୦ କ୍ରିକେଟ ବିଶ୍ୱକପରେ ଆଜି ସଂଧ୍ୟା ୭ଟାବେଳେ ଶ୍ରୀଲଙ୍କାର ଆର୍. ପ୍ରେମଦାସ ଷ୍ଟାଡିୟମରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଉଭୟ ଟିମ୍ ୨ଟି ଲେଖାଏଁ

ମ୍ୟାଚରେ ବିଜୟଲାଭ କରି ସମାନ ସଂଖ୍ୟକ ୪ ପଏଣ୍ଟ ଲେଖାଏଁ ହାସଲ କରିଛନ୍ତି ।

ଆଜିର ପ୍ରଥମ ମ୍ୟାଚ୍ ସକାଳ ୧୧ଟାରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ନେପାଳ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଅପରାହ୍ନ ୩ଟାରେ ଚେନ୍ନାଇର ଏମ୍.ଏ ଚିଦାମ୍ବରମ ଷ୍ଟାଡିୟମରେ ଆମେରିକା ଓ ନାମ୍ବିଆ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ ।

ଗତକାଲି ରାତିରେ, ଦକ୍ଷିଣ ଆଫ୍ରିକା ଅହମ୍ମଦାବାଦରେ ଏକ ଗ୍ରୁପ୍-ଡି ମ୍ୟାଚ୍ ରେ ନ୍ୟୁଜିଲ୍ୟାଣ୍ଡକୁ ୭ ୱିକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲ୍ୟାଣ୍ଡ ୨୦ ଓଭରରେ ୭ ୱିକେଟରେ ୧୭୫ ରନ କରିଥିଲା । ଦକ୍ଷିଣ ଆଫ୍ରିକା ୧୭ ଓଭର ଗୋଟିଏ ବଲ୍‌ରେ ଏହି ଲକ୍ଷ୍ୟ ହାସଲ କରିଥିଲା ।

# ୱିମେନ୍ କ୍ରିକେଟ୍

କ୍ରିକେଟରେ ଆଜି ଅପରାହ୍ନରେ ସିଡନୀରେ ତିନି ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚରେ ଭାରତ ଏବଂ ଅଷ୍ଟ୍ରେଲିଆ ମହିଳା ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ଅନୁସାରେ ଅପରାହ୍ନ ୧.୪୫ରେ ମ୍ୟାଚ୍ ଆରମ୍ଭ ହେବ । ହରମନପ୍ରୀତ

କୌର ଭାରତୀୟ ମହିଳା ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ। ସିରିଜ୍ ଆରମ୍ଭ ପୂର୍ବରୁ ହରମନପ୍ରୀତ କହିଛନ୍ତି ଯେ ଦଳ ଚଳିତବର୍ଷ ୟୁକେରେ ହେବାକୁ ଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ ପୂର୍ବରୁ ଘରୋଇ ଅଷ୍ଟ୍ରେଲିଆକୁ ପରାସ୍ତ କରିବା ସହିତ ସମସ୍ତ ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରିବ ।

ଭାରତ ମହିଳା ଦଳ ଗତ ଡିସେମ୍ବରରେ ଶ୍ରୀଲଙ୍କା ବିପକ୍ଷରେ ୫-୦ ସିରିଜ ବିଜୟ ହାସଲ କରିଥିବାବେଳେ ଏବେ ଟି-୨୦ ବିଶ୍ୱକପ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।